ସମୟ

16th July, 2019



ଭୁବନେଶ୍ୱର ଆଇଆଇଟି ପରିସରରେ ଚାରାରୋପଣ କରୁଛନ୍ତି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍

ଦୁବାଇରେ ଫସିଛନ୍ତି ୧୮ ଓଡ଼ିଆ ଶ୍ରମିକ

# ଉଦ୍ଧାର ପାଇଁ ବୈଦେଶିକ ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଧର୍ମେନ୍ଦ୍ର

ଭୁବନେଶ୍ୱର (ସମ୍ବାଦ): ଦୁବାଇରେ ଫସିଥିବା ୧୮ ଓଡ଼ିଆ ଶ୍ରମିକଙ୍କ ଉଦ୍ଧାର ଲାଗି କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡା.ଏସ୍.ଜୟଶଙ୍କରଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏକ ପତ୍ର ଲେଖି ଏହି ମାମଲାରେ ବ୍ୟକ୍ତିଗତ ହସ୍ତକ୍ଷେପ କରିବା ସହ ସମସ୍ତ ଓଡ଼ିଆ ଶ୍ରମିକଙ୍କୁ ଉଦ୍ଧାର କରି ସ୍ୱଦେଶକୁ ଫେରାଇ ଆଣିବାକୁ ଶ୍ରୀ ପ୍ରଧାନ ବୈଦେଶିକ ମନ୍ତ୍ରୀ ଜୟଶଙ୍କରଙ୍କୁ ଅନୁରୋଧ କରିଛନ୍ତି। ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ନିକଟରେ ଦୁବାଇରୁ ୧୦ ଜଣ ଓଡ଼ିଆ ଶ୍ରମିକ ସୁରକ୍ଷିତ ଭାବେ ଉଦ୍ଧାର ହେବା ପରେ ପୁଣି ଥରେ ଦୁବାଇର ଏକ୍ସିମ୍ ନାମକ ଏକ କମ୍ପାନୀରେ କାମ କରୁଥିବା ଓଡ଼ିଶା ଗଞ୍ଜାମ ଜିଲ୍ଲାର ୧୮ ଓଡ଼ିଆ ଶ୍ରମିକ ଗତ ୪ ମାସ ହେବ ବିନା ଦରମା ଓ ବିନା ଖାଦ୍ୟପେୟରେ ସେଠାରେ ଫସି ରହିଛନ୍ତି। ଶ୍ରମିକମାନେ ସେମାନଙ୍କ ଉଦ୍ଧାର ଲାଗି ଏକ ଭିଡିଓ ମାଧ୍ୟମରେ ଅପିଲ୍ ମଧ୍ୟ କରିଥିବା ସୂଚନା ମିଳିଛି। ତେଣୁ ଏହି ମାମଲାରେ ଶ୍ରମିକଙ୍କୁ ତତ୍କାଳ ସହାୟତା ଦିଆଯିବା ସହ ସମସ୍ତ ଶ୍ରମିକମାନଙ୍କୁ ଉଦ୍ଧାର କରି ଦେଶକୁ ଫେରାଇ ଆଣିବା ନିମନ୍ତେ ତୁରନ୍ତ ପଦକ୍ଷେପ ନେବା ପାଇଁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡା.ଏସ୍ ଜୟଶଙ୍କରଙ୍କୁ ପତ୍ର ମାଧ୍ୟମରେ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି। ଉଲ୍ଲେଖନୀୟ, ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ହସ୍ତକ୍ଷେପ ପରେ ସାଉଦି ଆରବରେ ଫସିରହିଥିବା ସମସ୍ତ ୧୦ ଜଣ ଓଡ଼ିଆ ଶ୍ରମିକ ଜୁନ ୨୬ ତାରିଖରେ ବୈଦେଶିକ ମନ୍ତ୍ରାଳୟ ସହଯୋଗରେ ସୁରକ୍ଷିତ ଭାବେ ଉଦ୍ଧାର ହୋଇ ସ୍ୱଦେଶ ଫେରିଥିଲେ।